# Akashvani, Sambalpur

## SAMBALPURI NEWS EVENING BULLETIN

## 15 February 2025- 7.02 pm- 7.12 pm.

************************************************

୧- ରାଏଜେ ଗଲାବଛରଠାନୁ ଇ ବଛର୍ ଅଏତ୍କା ୨ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇଛେ- ବିଧାନ୍‌ସଭା ନ କହେଲେ ଖାଦ୍ୟଯୋଗାଣ ମନ୍ତ୍ରୀ ।

୨- ରାସନ୍‌କାର୍ଡ୍ ହିତାଧିକାରୀମାନ୍‌କର୍ ଲାଗି ଇ-କେୱାଇସି ସମିଆକେ ବଢ଼ାଲେ ରାଜ୍ୟ ସର୍‌କାର୍ ।

୩- ମୁଲ୍ ହେଲା ସିବିଏସ୍‌ଇ ୧୦ ଆର୍ ୧୨ କ୍ଲାସ୍ ପରୀକ୍ଷା ।

ଆଉର୍

୪- ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ମୁଲ୍ ହେଇଛେ ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍ ।

ଖାଦ୍ୟ ଯୋଗାଣ ମନ୍ତ୍ରୀ- ଧାନ୍ ଘିନା ଭୁବ୍ନେଶ୍ୱର୍

ସମ୍ବାଦଦାତା

ରାଏଜେ ଗଲାକାଏଲ୍ତକ୍ ୬୦ ଲାଖ୍ ମେଟ୍ରିକ୍ଟନ୍ ଧାନ୍ ଘିନା ସର୍ଲାନ ଆର୍ ଗଲାବଛର୍ଠାନୁ ଇଟା ୨ ଲାଖ୍ ମେଟ୍ରିକ୍ଟନ୍ ଅଏତ୍କା ଧାନ୍ ଘିନା ହେଇଛେ ବଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଆଏଜ୍ ବିଧାନ୍ସଭା ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ପାତ୍ର କହିଛନ୍, ସର୍କାର୍ ୭୭ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନ୍ବାର୍କେ ଲକ୍ଷ୍ୟ ରଖିଛନ୍ । ଧାନ୍ଘିନା ଆଏବା ମାର୍ଚ୍ଚ ମାସ ୩୧ ତାରିଖ୍ତକ୍ ଚାଲ୍ବା । ପାଖାପାଖି ୧୨ ଲାଖ୍ ଚାଷୀ ଇହାଦେତକ୍ ଇନ୍ପୁଟ୍ ସବ୍ସିଡି ପାଇସାରିଥିବାର୍ ବେଲେ ଧାନ୍ ବିକ୍ବାର୍ ୪୮ ଘଂଟା ଭିତ୍ରେ ଧାନ୍ ବିକା ଟଙ୍କା ଦିଆଯାଉଛେ । ଯେନ୍ ଜାଗା ମାନ୍କେ କଟ୍ନୀଛଟ୍ନୀ ବାବଦ୍ ଅଭିଯୋଗ୍ ଆସୁଛେ, ସେନ ବିଭାଗ୍ ତର୍ଫୁ ତୁର୍ତି ପଦକ୍ଷେପ୍ ନିଆଯାଉଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଅଙ୍ଗନବାଡ଼ି କେନ୍ଦ୍ର-ଉପମୁଖ୍ୟମନ୍ତ୍ରୀ ଭୁବ୍ନେଶ୍ୱର୍

ସମ୍ବାଦଦାତା

ରାଏଜେ ୨୧ ହଜାର୍ ୮ ଶହ ୮୬ ଟା ଅଙ୍ଗନବାଡ଼ି କେନ୍ଦ୍ରର୍ ନିଜର ଘର୍ ନାଇଁ ନ ବଲି ବିଧାନ୍‌ସଭାଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ୩୧ ହଜାର୍ ୪ ଶହ ୫୬ ଟା ଅଙ୍ଗନବାଡ଼ି କେନ୍ଦ୍ରଥି ବିଦ୍ୟୁତ୍ ସଂଯୋଗ୍ ନାଇଁଥିବାର୍ ବେଲେ ୪୭ ହଜାର୍ ୭ ଶହ ୩୭ ଟା କେନ୍ଦ୍ର ନ ପାଚ୍‌ରୀ ନାଇଁନ ବଲି ଗୁଟେ ପ୍ରଶ୍ନର୍ ଲିଖିତ୍ ଉତର୍‌ଥି ଉପମୁଖ୍ୟମନ୍ତ୍ରୀ କହିଛନ୍ । ସେଆଡ଼େ ରାଜ୍ୟସର୍‌କାର୍ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କର୍ ବିକାଶ୍ ଦିଗେ କାମ୍ କରୁଛନ୍ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ବାଲ୍ୟବିବାହ-ଉପମୁଖ୍ୟମନ୍ତ୍ରୀ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଗଲା ୬ ବଛର୍ ଭିତ୍‌ରେ ୮ ହଜାର୍ ଶହେ ୫୯ ଟା ବାଲ୍ୟବିବାହ ହେଇଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଆଏଜ୍ ବିଧାନ୍‌ସଭାଥି ଗୁଟେ ପ୍ରଶ୍ନର୍ ଲିଖିତ ଉତ୍‌ଥି ଶ୍ରୀମତୀ ପରିଡ଼ା କହିଛନ୍, ନବରଙ୍ଗ୍‌ପୁର୍ ନ ସବୁନୁ ଅଏତ୍‌କା ୧ ହଜାର୍ ୩ ଶହ ୪୭ ଟା ବାଲ୍ୟବିବାହ ହେଇଛେ । ସେନ୍ତା ଗଞ୍ଜାମ୍ ନ ୯ ଶହ ୬୬ ଆର୍ କୋରାପୁଟ୍ ନ ୬ ଶହ ୩୬ ଟା ବାଲ୍ୟବିବାହ ହେଇଛେ । ଗଲା ୬ ବଛର୍ ଭିତ୍‌ରେ ୩ ଶହ ୨୮ ଝନ୍ ଶିଶୁ ଶ୍ରମିକ୍

ଉଦ୍ଧାର୍ ହେଇଛନ୍ ବଲି ଭିଲ୍ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ବିଧାନ୍‌ସଭା- ଆଇନ୍‌ମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ନ କେତେ ଅଲଙ୍କାର୍ ରହିଛେ, ସେତାକେ ଖୋବ୍ ଜଲ୍‌ଦି ରାଜ୍ୟ ସର୍‌କାର୍ ସାର୍ବଜନୀନ କର୍‌ବେ । ଗନ୍‌ତି ମନ୍‌ତି ଶେଷ୍ ହେବାର୍ ଉତ୍‌ରୁ ରତ୍ନଭଣ୍ଡାର୍ ନ କେତେ ଅଲଙ୍କାର୍ ରହିଛେ ସେବାବଦ୍ ତଥ୍ୟ ଦିଆଯିବା ବଲି ବିଧାନ୍‌ସଭା ନ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଇହାଦେ ମରାମତି କାମ୍ ଚାଲୁଛେ ଆଉ ମରାମତି ଶେଷ୍ ହେବାର୍ ଉତ୍‌ରୁ ରତ୍ନଭଣ୍ଡାର୍ ଗନ୍‌ତି ମନ୍‌ତି କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ରାସନ୍‌କାର୍ଡ଼ ଇ-କେୱାଇସି-ଖାଦ୍ୟଯୋଗାଣ ମନ୍ତ୍ରୀ

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ରାସନ୍‌କାର୍ଡ଼ ଇ-କେୱାଇସି ଅବଧିକେ ଫେର୍‌ଘାଏ ମାର୍ଚ୍ଚ ୩୧ ତାରିଖ୍‌ତକ୍ ବଢ଼େଇଛନ୍ । ନେଟ୍‌ୱର୍କ

ସମସ୍ୟା ଥିବାରନୁ ଭିନ୍ ଭିନ୍ ଜାଗା ନ ହିତାଧିକାରୀମାନେ ଇ-କେଓ୍ୱାଇସି କରି ନାଇଁପାରୁଥାଇ । ହେଥିର୍‌ଲାଗି ଇ-କେଓ୍ୱାଇସି ଅବଧିକେ ଫେର୍‌ଘାଏ ବଢ଼ାଯାଇଛେ ବଲି ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇତାର୍ ଆଘୋନୁ ଇ ଅବଧିର ଆଏଜ୍ ଶେଷ୍ ତାରିଖ୍ ଥିଲା । । ସର୍‌କାର୍‌ଙ୍କର୍ ତର୍‌ଫୁ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଲାଗି ଟୋଲ୍‌ଫ୍ରି ନିମ୍ବର୍ ୧୯୬୭ ଜାରି କରାଯାଇଛେ । ଇ ବାବ୍‌ଦେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍,

(ଭଏସ୍ ଓଭର୍-କୃଷ୍ଣଚନ୍ଦ୍ର ପାତ୍ର)

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ଆଏବା ୧୭ ଆର୍ ୨୪ ତାରିଖ୍ ଦିନ ବନ୍ଦ୍ ରହେବା । ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲୁଥିବାରନୁ ଇ ଦୁହି ସୋମ୍‌ବାର୍ ଦିନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୩ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ସିବିଏସ୍‌ଇ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ୍-ସିବିଏସ୍‌ଇ ପରିଚାଲିତ୍ ୧୦ ଆର୍ ୧୨ କ୍ଲାସ୍ ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେଇଛେ । ୧୦

କ୍ଲାସ୍ ପରୀକ୍ଷା ଆଏବା ମାର୍ଚ୍ଚ ୧୮ ତାରିଖ୍‌ତକ୍ ହେବାର୍‌କେ ଥିବାର୍ ବେଲେ ୧୨ କ୍ଲାସ୍ ପରୀକ୍ଷା ଏପ୍ରିଲ୍ ୪ ତାରିଖ୍‌ତକ୍ ହେବା । ଦେଶେ ୪୨ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ୭ ହଜାର୍ ୮ ଶହ ଟା କେନ୍ଦ୍ର ନ ପରୀକ୍ଷା ଦଉଛନ୍ । ୧୦ କ୍ଲାସ୍‌ଥି ଆଏଜ୍ ପହେଲା ଦିନେ ଇଂରାଜୀ ବିଷୟ୍‌ଥି ପରୀକ୍ଷା ହେଇଥିଲା ବେଲେ ୧୨ କ୍ଲାସ୍‌ଥି ଛାତ୍ରଛାତ୍ରୀ ମାନେ ଏଂଟରପ୍ରିନର୍‌ସିପ୍ ପରୀକ୍ଷା ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସିବିଏସ୍‌ଇ ଛାତ୍ରଛାତ୍ରୀମାନ୍‌କୁ ପରୀକ୍ଷା ଲାଗି ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶୁଭେଚ୍ଛା ଜନେଇଛନ୍ ।

ଓଡ଼ିଶା ବିଜ୍ଞାନ୍ ଏକାଡେମୀ- ଆଲୋଚନା କାର୍ଯ୍ୟକ୍ରମ୍ I&PR

ଓଡ଼ିଶା ବିଜ୍ଞାନ୍ ଏକାଡେମୀ ତର୍‌ଫୁ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାର୍ ବିଜ୍ଞାନ୍ ଶିକ୍ଷକ୍ ଆର୍ ଛାତ୍ରଛାତ୍ରୀମାନ୍‌କୁ ନେଇକରି ହେଇଥିବା ଆଲୋଚନା କାର୍ଯ୍ୟକ୍ରମ୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ଶିରିପୁର୍ ଠାନେ ଥିବା ଇମେଜ୍ ପରିସର୍ ନ ହେଇଥିବା ୩ ଦିନିଆ କାର୍ଯ୍ୟକ୍ରମ୍‌ର ଉଦ୍‌ଯାପନୀ ଉତ୍ସବ୍‌ଥି ବିଜ୍ଞାନ୍ ଆଉ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି

ବିଜ୍ଞାନ୍‌ର ଆବଶ୍ୟକତା ଆର୍ ପ୍ରୟୋଗ୍ ଉପ୍‌ରେ କହିଥିଲେ । ଇ ୩ ଦିନିଆ କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ବକ୍ତୃତା, ପ୍ରବନ୍ଧ, ସାଧାରଣଜ୍ଞାନ, ଚିତ୍ରାଙ୍କନ ବାଗିର୍ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା ।

## ଗୃହନିର୍ମାଣ୍, ସହରାଂଚଲ୍ ବିକାଶ୍ ବିଭାଗ I&PR

ରାଏଜେ ଖରାଦିନେ ଗ୍ରୀଷ୍ମପ୍ରବାହ ପରିସ୍ଥିତିର ମୁକାବିଲା ଲାଗି କର୍‌ବାର୍‌କେ ତୟାର୍ ରହେବାର୍ ଆର୍ ପ୍ରତିଷେଧକ୍ ମୂଲକ୍ ପଦକ୍ଷେପ୍ ନେବାର୍‌କେ ଗୃହନିର୍ମାଣ୍ ଆର୍ ସହରାଂଚଲ୍ ବିକାଶ୍ ବିଭାଗ୍ ତର୍‌ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ସହରାଂଚଲ୍ ନ ପର୍ଯ୍ୟାପ୍ତ ପାଏନ୍ ଯୁଗାବାର୍‌କେ ସୁନିଶ୍ଚିତ୍ କର୍‌ବାର୍ ସହେତେ ଜଳଯୋଗାଣ ଲାଗି ଥିବା ପାଇପ୍ ଲାଇନ୍ ମାନ୍‌କୁ ଚାଲୁ ରଖିବାର୍ ଲାଗି ପରାମର୍ଶ ଦିଆଯାଇଛେ । ଇତାର୍‌ଛଡ଼ା ଇ ବାବ୍‌ଦେ ଯେନ୍‌କେନ୍‌ସି ଅଭିଯୋଗ୍‌କେ ୨୪ ଘଂଟା ଭିତ୍‌ରେ ସମାଧାନ୍ କର୍‌ବାର୍ ଲାଗି କୁହାଯାଇଛେ । ଇତାର୍‌ଛଡ଼ା ପିଇବାର୍ ପାଏନ୍ ଅଭାବ ଦେଖାଦେଉଥିବା ଇଲାକାମାନ୍‌କେ ପାଏନ୍ ଯୁଗାବାର୍ ଲାଗି ଟେଙ୍କର୍ ବ୍ୟବସ୍ଥା କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ସହରାଂଚଲ୍ ସ୍ଥାନୀୟ

ସଂସ୍ଥମାନେ ରାସ୍ତାତରା, ଛକ୍ ଜାଗା, ବସ୍‌ଷ୍ଟେଣ୍ଡ ଆଉ ରେଲ୍‌ଷ୍ଟେସନ୍‌ମାନ୍‌କେ ପିଇବାର୍ ପାଏନ୍ ବାଂଟ୍‌ବାର୍ କେନ୍ଦ୍ର ଖୁଲ୍‌ବାର୍‌କେ ପରାମର୍ଶ ଦିଆଯାଇଛେ ।

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ I&PR

ଭୁବ୍‌ନେଶ୍ୱର୍ ବର୍‌ମୁଣ୍ଡା ବିଜୁ ପଟ୍ଟନାୟକ୍ ପଡ଼ିଆ ଠାନେ ଚାଲିଥିବା ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ୍‌ଥି ଆଏଜ୍ 'ଡଗ୍ ସୋ' ହେଇଯାଇଛେ । ଡଗ୍ ସୋ ଥି ୪୮ ଟା ଭିନ୍ ଭିନ୍ ପ୍ରଜାତିର୍ କୁକୁର୍ ଭାଗ୍ ନେଇଥିଲେ । ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍ ଆଉ ଓଡ଼ିଶା କେନେଲ୍ କ୍ଲବ୍‌ର ମିଲିତ୍ ସହଯୋଗ୍‌ଥି ହେଇଥିବା ଇ ପ୍ରଦର୍ଶନୀକେ ପ୍ରାଣୀପାଲନ୍ ଆର୍ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ୍ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ୍ କରିଥିଲେ ।

ବୌଦ୍ଧ-ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ବୌଦ୍ଧ
ସମ୍ବାଦଦାତା

ଇ ବଛର୍ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଆଏବା ୨୧ ତାରିଖ୍‌ନୁ ମୁଲ୍ ହେଇକରି ମାର୍ଚ୍ଚ ୬ ତାରିଖ୍‌ତକ୍ ହେବା । ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ପରୀକ୍ଷାକେ ଶାନ୍ତିଶୃଙ୍ଖଲାଥି କର୍‌ବାର୍ ଲାଗି ଗୁଟେ ପ୍ରସ୍ତୁତି ଆର୍ ପ୍ରଶିକ୍ଷଣ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ଉଚ୍ଚବିଦ୍ୟାଳୟର୍ ପ୍ରଧାନ୍ ଶିକ୍ଷକ୍‌ମାନେ ଯୋଗ୍ ଦେଇଥିବାର୍ ବେଳେ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା ଛାତ୍ରଛାତ୍ରୀମାନେ ପରୀକ୍ଷାକେ ଚାପମୁକ୍ତ ହେଇକରି ଦେବାର୍ ଲାଗି ମାର୍ଗଦର୍ଶକ୍ କର୍‌ବାର୍‌କେ ଶିକ୍ଷକ୍‌ମାନ୍‌କୁ କହିଥିଲେ ।

ଧାନ୍ ଘିନା ସମୀକ୍ଷା-ବୌଦ୍ଧ ଜିଲ୍ଲାପାଳ୍   ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା ଆଏଜ୍ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ବୁଲିକରି ଧାନ୍ ଘିନା ବାବଦ୍ ସମୀକ୍ଷା କରିଛନ୍ । କଂଟାମାଲ୍ ବ୍ଲକ୍ ପଲ୍‌ସାଗୋରା, ଖଟ୍‌ଖଟିଆ, ମନମୁଣ୍ଡା, କୁରୁମ୍‌ପଦର୍ ନ ଧାନ୍ ମଣ୍ଡି ପରିଦର୍ଶନ୍ କରିକରି ସେ ସମୀକ୍ଷା କରିଛନ୍ । ଇତାର୍‌ସହେତେ ଜଲ୍‌ଯୋଗାଣ୍ ପ୍ରକଳ୍ପ ପରିଦର୍ଶନ୍ କରିକରି ବ୍ୟବସ୍ଥା ବାବ୍‌ଦେ ତଦାରଖ୍ କରିଛନ୍ । ଇ ଅବ୍‌ସରେ କଂଟାମାଲ୍ ବ୍ଲକ୍ ଲୁକାପଡ଼ା ପାଶେ

ଥିବା ତେଲ୍‌ନଦୀ ଉପ୍‌ରେ ତିଆର୍ ହଉଥିବା ପାନୀୟ ଜଳ ପ୍ରକଳ୍ପକେ ବୁଲିକରି ବାକିଥିବା ପ୍ରକଳ୍ପ କାମ୍‌କେ ଜଲ୍‌ଦି ସାର୍‌ବାର୍ ଲାଗି ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ଦୁର୍ଘଟଣା-କଲାହାଣ୍ଡି କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା କେସିଙ୍ଗା ଟ୍ରାଫିକ୍ ଛକ୍‌ଠାନେ ଝନେ ଯୁଆନ୍ ପିଲା ଠିଆ ହେଇଥିବାର୍ ବେଲେ ପଛ୍‌ଆଡୁ ଗୁଟେ ଟ୍ରକ୍ ପିଟିଦେବାର୍‌ନୁ ଘଟ୍‌ନାଜାଗା ନ ତାକର୍ ଜୀବନ୍ ଯାଇଛେ । ପିଲା ଝନ୍‌କ କେସିଙ୍ଗାର ଗହଁତିଆ ପଡ଼ାର ବଲି ଜନାପଡ଼ିଛେ । ଦୁର୍ଘଟଣା ଘଟେଇଥିବା ଟ୍ରକ୍ ଡ୍ରାଇଭର୍ ଥାନା ନ ଆତ୍ମସମର୍ପଣ୍ କରିଛନ୍ । ମୃତକଙ୍କର୍ ପରିବାର୍ ଲୁକ୍‌କୁ କ୍ଷତିପୂରଣ୍ ଦାବି ନେଇକରି ସାଧାରଣ୍ ଲୁକେ ରାସ୍ତାରୋକ କରିଛନ୍ ।

ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ଠାନେ ୨ ନମ୍ବର୍ ଅନ୍ତଃଜିଲ୍ଲା ପଶ୍ଚିମ ଓଡ଼ିଶା ବିଜୟ ବାହାଦୁର୍ ସିଂ ଆର୍

ଭୀମ୍‌ସେନ୍ ଛତର୍ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ -୨୦୨୫ ଆଏଜ୍ ମୁଲ୍ ହେଇଛେ । ସମ୍ବଲ୍‌ପୁର୍ ଆର୍ ବୌଦ୍ଧ ଜିଲ୍ଲା ଭିତ୍‌ରେ ହେଇଥିବା ଉଦ୍‌ଘାଟନୀ ମେଚ୍‌ଥି ସମ୍ବଲ୍‌ପୁର୍ ଦଲ୍ ୫-ଶୂନ୍ ଗୋଲ୍‌ଥି ବୌଦ୍ଧ ଜିଲ୍ଲା ଦଲ୍‌କେ ହରେଇଛେ । ଆଏବା କାଏଲ୍ ବର୍‌ଗଡ୍ ଆର୍ ସମ୍ବଲ୍‌ପୁର୍ ଜିଲ୍ଲା ଭିତ୍‌ରେ ମେଚ ହେବା ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଲିଙ୍ଗ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍‌ଠାନୁ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମୁଲ୍ ହେଇଛେ । ଆଏଜ୍ ପହେଲା ଦିନେ ମହିଲା ବର୍ଗଥି ଜର୍ମାନୀ- ସ୍ପେନ୍ ଭିତ୍‌ରେ ହେଇଥିବା ମେଚ୍‌ଥି ସ୍ପେନ୍ ୨-୧ ଗୋଲ୍‌ଥି ଜର୍ମାନୀକେ ହରେଇଛେ । ଖବର୍ ଲେଖାହେବାର୍‌ତକ୍ ଭାରତ୍ - ଇଂଲଣ୍ଡ ଭିତ୍‌ରେ ଚାଲିଥିବା ମେଚ୍‌ଥି ଭାରତ୍ ୩-୨ ଗୋଲ୍‌ଥି ଆଗାଡ଼େ ଅଛେ । ସେଆଡ଼େ ପୁରୁଷ ବର୍ଗଥି ଭାରତ୍ ଆର୍ ସ୍ପେନ୍ ଭିତ୍‌ରେ ବେଲ୍‌ବୁଡ଼ର୍ ସାଢ଼େ ୭ ବଜେ ମେଚ୍ ହେବା ।